ସମାଜ

# ସିଟି ମହାବିଦ୍ୟାଳୟରେ ରକ୍ତଦାନ ଶିବିର

କଟକ, ୧୪।୪ (ନି.ପ୍ର): ରାଜାବଗିଚାସ୍ଥିତ ନେତାଜୀ ସୁଭାଷ ସ୍ମାରକୀ ସିଟି ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଯୁବ ରେଡକ୍ରସ, ଏନସିସି ଓ ଏନଏସଏସ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷା ଡ. ରୀନା ଘଡ଼େଇ ଶିବିର ଉଦ୍‌ଘାଟନ କରିଥିଲେ। ରକ୍ତଦାନର ଗୁରୁତ୍ୱ ଓ ଏହାଦ୍ୱାରା ଜୀବନ ବଞ୍ଚି ପାରୁଥିବା ବିଷୟରେ ସ୍ୱେଚ୍ଛାସେବୀମାନେ ସଚେତନତା ସୃଷ୍ଟି କରିଥିଲେ। ଯୁବ ରେଡକ୍ରସ କାଉନସିଲର ଡ. ହରିଶ ଚନ୍ଦ୍ର ବେହେରା, ଏନଏସଏସ ଅଧିକାରୀ ଡ. ଅନନ୍ୟା ଅସ୍ମିତା ଏବଂ ଏନସିସି ଅଫିସର ପ୍ରଜ୍ଞା ପ୍ରଣତି ସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

